# NATIONAL NEWS BULLETIN (ODIA)

## 28 March - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଦେଶର ବୈଦେଶିକ ନୀତିର ମୂଳ ମନ୍ତ୍ର ହେଉଛି – "ଭାରତ ପ୍ରଥମ" କହିଲେ ପ୍ରଧାନମନ୍ତ୍ରୀ ।
- ଦେଶରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଯୋଗାଣ ଶୃଙ୍ଖଳକୁ ସଶକ୍ତ କରିବା ସମ୍ପର୍କିତ ଯୋଜନା ସମେତ ଅନ୍ୟ କେତେକ ପ୍ରସ୍ତାବ ଆଜି କେନ୍ଦ୍ର କ୍ୟାବିନେଟ୍‌ରେ ହେଲା ଅନୁମୋଦିତ ।
- ଆସନ୍ତା ମାସ ୩ ତାରିଖରୁ ଥାଇଲାଣ୍ଡ ଓ ଶ୍ରୀଲଙ୍କା ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ଭାରତ ଓ ଆମେରିକା ମଧ୍ୟରେ ଏକ ସୁରକ୍ଷିତ ତଥା ଆପୋଷ ଲାଭଦାୟକ ଯାତାୟତ ବ୍ୟବସ୍ଥା ଉପରେ ଦୁଇ ଦେଶର ଗୁରୁତ୍ୱାରୋପ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଚେନ୍ନାଇ ସୁପରକିଙ୍ଗସ୍ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଆଉ କିଛି ସମୟ ପରେ ହେବ ମୁକାବିଲା ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶର ବୈଦେଶିକ ନୀତିର ମୂଳ ମନ୍ତ୍ର ହେଉଛି – ଭାରତ ପ୍ରଥମ । ବର୍ତ୍ତମାନ ନୂଆଦିଲ୍ଲୀ ବିଶ୍ୱସ୍ତରରେ ବିଭିନ୍ନ ମଞ୍ଚରେ କେବଳ ଅଂଶଗ୍ରହଣ କରୁନାହିଁ ବରଂ ଏକ ସୁରକ୍ଷିତ ଭବିଷ୍ୟତ ଲାଗି ପ୍ରୟାସ ଜାରି ରଖିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆଜି ନୂଆଦିଲ୍ଲୀ ଠାରେ ଏକ ଘରୋଇ ଟିଭି ଚ୍ୟାନେଲ୍ ଦ୍ୱାରା ଆୟୋଜିତ ବିଶେଷ ସମାରୋହରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବରୁ ଭାରତର ବୈଦେଶିକ ନୀତିରେ ପ୍ରତ୍ୟେକଙ୍କ ଠାରୁ ସମଦୂରତ୍ୱ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଉଥିଲା । ମାତ୍ର ବର୍ତ୍ତମାନ ଭାରତ ସମସ୍ତଙ୍କ ସହିତ ସମାନ ଭାବେ ଏକାଠି ହୋଇ କାର୍ଯ୍ୟ କରିଛି ବୋଲି ସେ କହିଛନ୍ତି ।

**V/O PM-MODI-ON-FOREIGN-POLICY**

ଶ୍ରୀ ମୋଦୀ କହିଛନ୍ତି, ଭାରତ ବର୍ତ୍ତମାନ ଏକଛତ୍ରବାଦ ନୁହେଁ ବରଂ ମାନବିକତା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛି । ଏହାଦ୍ୱାରା

ଏକବିଂଶ ଶତାବ୍ଦୀରେ ବିଶ୍ୱସ୍ତରୀୟ ମଞ୍ଚରେ ଅଂଶଗ୍ରହଣ ଲାଗି ସମସ୍ତଙ୍କର ସମାନ ଅଧିକାର ସାବ୍ୟସ୍ତ କରିବାର ପଥ ଉନ୍ମୁକ୍ତ ହୋଇଛି । ବର୍ତ୍ତମାନ ଭାରତ ଏକ ସ୍ୱପ୍ନର ଦେଶ ହୋଇ ରହିନାହିଁ ବରଂ ସ୍ୱପ୍ନକୁ ସାକାର କରିବାରେ ସମର୍ଥ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O PM-MODI-ON-HUMANITY**

# କ୍ୟାବିନେଟ୍-ବ୍ରିଫିଙ୍ଗ୍

ଦେଶରେ ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟକୁ ପ୍ରୋତ୍ସାହିତ କରିବା ସହିତ ଏହି ଉତ୍ପାଦର ଯୋଗାଣ ଶୃଙ୍ଖଳକୁ ସଶକ୍ତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର କ୍ୟାବିନେଟ୍ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ଉତ୍ପାଦନ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ସମ୍ପର୍କରେ ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି, ଏହି ଯୋଜନା ଲାଗି ୨୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି ଏବଂ ଏହା ମାଧ୍ୟମରେ ୯୦ ହଜାରରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିବ ।

ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଦେଶରେ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ଏହାର ଉତ୍ପାଦନହାର ୫ ଗୁଣ ବୃଦ୍ଧି ପାଇଥିବା ବେଳେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ରପ୍ତାନୀ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଦେଖାଦେଇଛି ।

**V/O-ELECTRONICS**

ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୧୪-୧୫ ଆର୍ଥିକ ବର୍ଷରେ ସରକାର ୧ ଲକ୍ଷ ୯୦ ହଜାର କୋଟି ଟଙ୍କା ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟ ଉତ୍ପାଦନ ଲାଗି ମଞ୍ଜୁରୀ କରିଥିବା ବେଳେ ୨୦୨୩-୨୪ ବଷରେ ଏହା ବୃଦ୍ଧି ପାଇ ୯ ଲକ୍ଷ ୫୨ ହଜାର କୋଟି ଟଙ୍କାରେ ପହଞ୍ଚିଛି ।

ଆଜି କ୍ୟାବିନେଟ୍ ନେଇଥିବା ଅନ୍ୟ ଏକ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ଅଧୀନରେ ବିହାରରେ କୋଶି-ମେଚି ଅନ୍ତଃ ରାଜ୍ୟ ସଂଯୋଗୀକରଣ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପ ମାଧ୍ୟମରେ ବିହାରର ଆରାରିଆ, ପୂର୍ଣ୍ଣିଆ, କିଶନ୍‌ଗଞ୍ଜ ଓ କଟିହାର ଜିଲ୍ଲାର ୨ ଲକ୍ଷ ୧୦ ହଜାର ହେକ୍ଟରରୁ ଅଧିକ ଚାଷ ଜମିକୁ ଖରିଫ୍ ଋତୁରେ ଜଳସେଚିତ କରାଯାଇପାରିବ । ଏହି ପ୍ରକଳ୍ପକୁ ୨୦୨୯ ମସିହା ମାର୍ଚ୍ଚ ସୁଦ୍ଧା ଶେଷ କରିବା ଲାଗି ୬ ହଜାର ୨୮୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସେଥିମଧ୍ୟରୁ ୩ ହଜାର ୬୫୨କୋଟି ଟଙ୍କା ବିହାର

ସରକାରଙ୍କୁ ପ୍ରଦାନ କରିବା ଲାଗି ଆଜି ଅନୁମତି ମିଳିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଆଜିର କ୍ୟାବିନେଟ୍ ବୈଠକରେ ଖରିଫ୍ ୨୦୨୫ ଲାଗି ଫସ୍‌ଫେଟିକ୍ ଏବଂ ପୋଟାସିକ୍ ସାର ଲାଗି ପୁଷ୍ଟିଭିତ୍ତିକ ରିହାତି ଦର ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହାଦ୍ୱାରା ଚାଷୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O-ON-FARMER**

ଆଜି କ୍ୟାବିନେଟ୍‌ର ଅନ୍ୟ ଏକ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ବିହାରରେ ପ୍ରାୟ ୧୨୦ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ପାଟନା-ଆର୍‌ହା-ସାସାରାମ ବ୍ରାଉନ୍‌ଫିଲ୍ଡ ଏବଂ ଚାରିଥାକିଆ ଗ୍ରୀନ୍ ଫିଲ୍ଡ କରିଡ଼ର ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପର ବିକାଶ ଲାଗି ୩ହଜାର ୭୧୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

କେନ୍ଦ୍ର କ୍ୟାବିନେଟ୍ ଆଜି କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଲାଗି ୨ ପ୍ରତିଶତ ମହଙ୍ଗାଭତ୍ତା ବୃଦ୍ଧି କରିଛନ୍ତି । ପେନ୍‌ସନ୍‌ଭୋଗିଙ୍କ ଲାଗି ମଧ୍ୟ ଅନୁରୂପ ଭାବେ ୨ ପ୍ରତିଶତ ବୃଦ୍ଧି କରାଯାଇଛି । ଏହା ଚଳିତ ବର୍ଷ ଜାନୁଆରୀ ୧ ତାରିଖରୁ ପିଛିଲା ଭାବେ ଲାଗୁ ହେବ । ଏହାଦ୍ୱାରା ୪୮ ଲକ୍ଷ ୬୬ ହଜାର କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୬ଲକ୍ଷ ୫୫ ହଜାର ପେନ୍‌ସନ୍‌ଭୋଗି ଉପକୃତ ହୋଇପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଷଷ୍ଠ ବିମ୍‌ଷ୍ଟେକ୍ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତାମାସ ୩ ତାରିଖରୁ ବ୍ୟାଙ୍କକ୍‌କୁ ୨ ଦିନିଆ ଗସ୍ତରେ ଯିବେ । ଆଜି ନୂଆଦିଲ୍ଲୀ ଠାରେ ବୈଦେଶିକ ମନ୍ତ୍ରଣାଳୟର ପୂର୍ବ ବ୍ୟାପାର ସଚିବ ଜୟଦୀପ ମଜୁମ୍‌ଦାର୍ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଥାଇଲ୍ୟାଣ୍ଡକୁ ଏହା ହେବ ପ୍ରଧାନମନ୍ତ୍ରୀଙ୍କ ତୃତୀୟ ଗସ୍ତ ।

ଥାଇଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ପାଇଟୋଙ୍ଗ୍‌ଟାମ୍ ସିନାୱାର୍ଟାଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମୋଦୀ ଏହି ଗସ୍ତ କରୁଛନ୍ତି । ଏହି ଗସ୍ତ କାଳରେ ସେ ବିମ୍‌ଷ୍ଟେକ୍ ନେତାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ଭାରତ ଓ ଥାଇଲ୍ୟାଣ୍ଡ ମଧ୍ୟରେ ଏକ ଐତିହାସିକ ଦ୍ୱିପକ୍ଷିୟ ସମ୍ପର୍କ ସହିତ ସଶକ୍ତ ସାଂସ୍କୃତିକ ଏବଂ ଧାର୍ମିକ ବନ୍ଧନ ମଧ୍ୟ ରହିଛି । ଥାଇଲ୍ୟାଣ୍ଡ ହେଉଛି ଭାରତର ସାମୁଦ୍ରିକ ପଡ଼ୋଶୀ ଦେଶ । ଆକ୍ଟ ଇଷ୍ଟ ପଲିସି, ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣ ଏବଂ ବିମ୍‌ଷ୍ଟେକ୍‌ରେ ଥାଇଲ୍ୟାଣ୍ଡ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଭାବେ ଦାୟିତ୍ୱ ନିର୍ବାହ କରିଆସୁଛି ବୋଲି ଶ୍ରୀ ମଜୁମ୍‌ଦାର୍ କହିଛନ୍ତି ।

ଥାଇଲ୍ୟାଣ୍ଡ ଗସ୍ତ ସାରି ଶ୍ରୀ ମୋଦୀ ଶ୍ରୀଲଙ୍କା ଯିବେ । ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାରା ଦିଶା ନାୟକେଙ୍କ ନିମନ୍ତ୍ରଣ କ୍ରମେ ସେ ଏହି

ଗସ୍ତ କରୁଛନ୍ତି । ଏହି ଅବସରରେ ଦୁଇ ନେତା ଭାରତର ସହାୟତାରେ ସେଠାରେ ନିର୍ମିତ ହୋଇଥିବା ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ । ସେହିଭଳି ଶକ୍ତି, ଡିଜିଟାଇଜେସନ୍ ଏବଂ ସ୍ୱାସ୍ଥ୍ୟ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଏପ୍ରିଲ୍ ୬ତାରିଖରେ ଉଭୟ ନେତା ସ୍ଥାନୀୟ ଐତିହାସିକ ସହର ଅନୁରାଧାପୁର ଗସ୍ତ କରି ଜୟଶ୍ରୀ ମହା ବୋଧି ମନ୍ଦିରରେ ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଛି । ଏତଦ୍‌ବ୍ୟତୀତ ଦୁଇ ନେତା ସେଠାରେ କାର୍ଯ୍ୟକାରୀ ହେବାକୁଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ଏଲ୍‌ଏସ୍ ଏମ୍‌ଇଏ ଇମିଗ୍ରେସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସମ୍ପ୍ରତି ୱାଶିଂଟନ୍ ଡି.ସି. ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ଏକ ସୁରକ୍ଷିତ ତଥା ଆପୋଷ ଲାଭଦାୟକ ଯାତାୟତ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଉପରେ ଉଭୟ ଭାରତ-ଆମେରିକା ଗୁରୁତ୍ୱାରୋପ କରିଛନ୍ତି । ଆଜି ଲୋକସଭାରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି, ଭାରତ-ଆମେରିକା ମଧ୍ୟରେ ନିୟମିତ ବ୍ୟବଧାନରେ ପ୍ରବାସୀ ତଥା ଯାତାୟତ ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା କରାଯାଇଥାଏ । ଛାତ୍ରଛାତ୍ରୀ ଏବଂ ବୃତ୍ତିଗତ ବ୍ୟକ୍ତିବିଶେଷଙ୍କ ଆଇନ୍

ଅନୁଯାୟୀ ଯାତାୟତ ବ୍ୟବସ୍ଥାକୁ ସୁସଂହତ କରିବା ସହିତ ପର୍ଯ୍ୟଟକ ଏବଂ ଶିଳ୍ପପତିମାନଙ୍କୁ ସ୍ୱଳ୍ପ ସମୟର ଭିସା ପ୍ରଦାନ କରିବାକୁ କେନ୍ଦ୍ର ସରକାର ଆମେରିକା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏଥିସହିତ ବେଆଇନ୍ ଅନୁପ୍ରବେଶ, ମାନବଚାଲାଣ ଆଦି ପ୍ରସଙ୍ଗକୁ ଦୃଢ଼ ହସ୍ତରେ ଦମନ କରିବା ଦିଗରେ ମଧ୍ୟ ଦ୍ୱିପକ୍ଷ ମଧ୍ୟରେ ଆଲୋଚନା କରାଯାଉଛି ବୋଲି ଶ୍ରୀ ସିଂହ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

## ଏଲ୍ଏସ୍-ନଡ୍ଡା

ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଅଧୀନରେ ଚଳିତ ମାସ ମାର୍ଚ୍ଚ ପହିଲା ସୁଦ୍ଧା ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ୮ କୋଟିରୁ ଉର୍ଦ୍ଧ୍ୱ ରୋଗୀଙ୍କ ଲାଗି ୧ ଦଶମିକ୍ ୨/୬ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏ ପର୍ଯ୍ୟନ୍ତ ଆଶାକର୍ମୀଙ୍କ ଲାଗି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଆୟୁଷ୍ମାନ୍ କାର୍ଡ ସୃଷ୍ଟି କରାଯାଇଥିବା ବେଳେ ଅଙ୍ଗନବାଡ଼ି କର୍ମୀଙ୍କ ଲାଗି ୧୪ ଲକ୍ଷ ୪୭ ହଜାର କାର୍ଡ୍ ଦିଆଯାଇଛି । ଏହି ଯୋଜନା ଅଧୀନରେ ପଞ୍ଜିକୃତ ହୋଇଥିବା ୧୩ ହଜାର ୮୬୬ ଘରୋଇ ଏବଂ ୧୭ ହଜାର ୯୧ଟି ସରକାରୀ ହସ୍ପିଟାଲ୍‌ରେ ରୋଗୀଙ୍କୁ ଚିକିତ୍ସା କରାଯାଉଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନା ଅଧୀନରେ ୨ କୋଟି ୨୦ ଲକ୍ଷରୁ ଉର୍ଦ୍ଧ୍ୱ

ରୋଗୀଙ୍କ ଲାଗି ୩୪ ହଜାର ୯୫୪ କୋଟି ଟଙ୍କା କେନ୍ଦ୍ର ସରକାର ଖର୍ଚ୍ଚ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଚେନ୍ନାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟମ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ  ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ଆଉ ଅଳ୍ପ ସମୟ ପରେ ଆରମ୍ଭ ହେବ । ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗସ୍ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ୫ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି ।